01 'O' & 02 'O'

# MODEL PAPER - 2
# SSC PUBLIC EXAMINATIONS - 2025 -26

**(BY THE DIRECTOR OF GOVERNMENT EXAMINATIONS (S.S.C BOARD), A.P)**

**First Language - ODIA**

**X Class]** **(Max. Marks: 100)** **[Time: 3:15 Hrs.**

**ଶୀକ୍ଷାର୍ଥୀଙ୍କୁ ସୂଚନା :**

1. ପ୍ରଶ୍ନପତ୍ରରେ ତିନୋଟି ବିଭାଗ ରହିଛି ।
2. ପ୍ରଶ୍ନପତ୍ର ପଢ଼ିବା ପାଇଁ 15 ମିନିଟ୍ ଓ ଉତ୍ତର ଲେଖିବା ପାଇଁ 3 ଘଣ୍ଟା ସମୟ ଦିଆଯାଇଛି ।
3. ପ୍ରତ୍ୟେକ ପ୍ରଶ୍ନର ଉତ୍ତର ତୁମକୁ ଦିଆଯାଇଥିବା ଖାତାରେ ସ୍ୱଷ୍ଟ ଓ ସୁନ୍ଦର ଭାବେ ଲେଖ ।
4. ପ୍ରତ୍ୟେକ ପ୍ରଶ୍ନର ନମ୍ବର ଉତ୍ତରର ବାମପାର୍ଶ୍ୱରେ ଲେଖ ।

## ବିଭାଗ – 1

## I. ବୋଧ–ଅନୁଚିନ୍ତନ (24 ମାର୍କ)

**1. ଯେକୌଣସି ଗୋଟିଏ ପଦ୍ୟାଂଶ ପଢ଼ି, ଦିଆଯାଇଥିବା ପ୍ରଶ୍ନଗୁଡ଼ିକର ଉତ୍ତର ଲେଖ ।** **(4x2 = 8)**

ବିହାୟସେ ବିହରି ସାଗର ଜିଣି ଯାଇ
ବର୍ତ୍ତକ ସ୍ୱରୂପ ଧୃତ କେଁ କେଁ ଟିହୋ କହି ଯେ ।
ବିଖ୍ୟାତ କରୁ ବିଂଶତିକର କହିବାର
ବୋଧ ଉଭୟ ଭୟରେ ପଳାଇ ସତ୍ୱର ଯେ ।

**ପ୍ରଶ୍ନ :** କ) ଉକ୍ତ ପଦ୍ୟାଂଶଟି କେଉଁ ପଦ୍ୟରୁ ଗୃହୀତ ?
ଖ) ବର୍ତ୍ତକ ରୂପ କିଏ ଧାରଣ କରିଥିଲେ ?
ଗ) ଏଠାରେ ବିଂଶତିକର ବୋଲି କାହାକୁ କୁହାଯାଇଛି ?
ଘ) 'ବିହାୟସେ' କହିଲେ କ'ଣ ?

**(କିମ୍ବା)**

ସମୀର ସଙ୍ଗୀତ ଗାଏ, ଭ୍ରମର ବୀଣା ବଜାଏ,
ସୁରଭି ନର୍ତ୍ତନେ ଥାଏ ଉଷା ନିର୍ଦ୍ଦେଶେ,
କୁମ୍ଭାଟୁଆ ହୋଇ ଭାଟ ଆରମ୍ଭିଲା ସ୍ତବ ପାଠ
କଳିଙ୍ଗ ଅଇଲା ପାଟ ମାଗଧ ବେଶେ,
ଲଳିତ ମଧୁରେ କହିଲା,
''ଉଠ ସତୀ ରାଜ୍ୟ–ରାଣୀ, ରାତି ପାହିଲା ।''

*[Turn Over*

**ପ୍ରଶ୍ନ :** କ) ଉକ୍ତ ପଦ୍ୟାଂଶର କବି କିଏ ?

ଖ) ଏଠାରେ କିଏ ବୀଣା ବଜାଇଛନ୍ତି ?

ଗ) ପାଟ ମଗଧ ବେଶରେ କିଏ ଆସିଛନ୍ତି ?

ଘ) ଏଠାରେ ''ଉଠ ସତୀ ରାଜ୍ୟ – ରାଣୀ'' ବୋଲି କାହା ଉଦ୍ଦେଶ୍ୟରେ କୁହାଯାଇଛି ?

**2. ନିମ୍ନ ପରିଚିତ ଗଦ୍ୟାଂଶଟି ପଢ଼ି, ପ୍ରଦତ୍ତ ପ୍ରଶ୍ନଗୁଡ଼ିକର ଉତ୍ତର ଲେଖ ।**

**(4x2 = 8)**

କାନ୍ତକବି ଲକ୍ଷ୍ମୀକାନ୍ତ ମହାପାତ୍ର 1888 ମସିହା, ଡିସେମ୍ବର 9 ତାରିଖ, ମାଣବସା ଗୁରୁବାର ଦିନ କଟକ ସହର ଧୂଆଁପଟ୍ଟିଆ ଗଳି, ବାଖରାବାଦର ଏକ ଗୃହରେ ଜନ୍ମଗ୍ରହଣ କରିଥିଲେ । ମାଣମାସ ଗୁରୁବାରରେ ଜନ୍ମିଥିବାରୁ ତାଙ୍କର ନାମକରଣ କରାଯାଇଥିଲା ଲକ୍ଷ୍ମୀକାନ୍ତ । ତାଙ୍କ ପିତା, ଚୌଧୁରୀ ଭାଗବତ ପ୍ରସାଦ ସାମନ୍ତରାୟ ମହାପାତ୍ର ଭଦ୍ରକ ସହରର ଦଶ ମାଇଲ ପୂର୍ବଦିଗରେ ଅବସ୍ଥିତ ତାଳପଦା ଗ୍ରାମର ବାସିନ୍ଦା ଓ ଜମିଦାର ଥିଲେ । ତାଙ୍କ ମାତା ରାଧାମଣି ଥିଲେ କଣ୍ଟାପଡ଼ା ଜମିଦାରଙ୍କ କନ୍ୟା ।

**ପ୍ରଶ୍ନ :** କ) ଲକ୍ଷ୍ମୀକାନ୍ତ କେଉଁଠି ଜନ୍ମଲାଭ କରିଥିଲେ ?

ଖ) କାନ୍ତକବିଙ୍କ ନାମ ଲକ୍ଷ୍ମୀକାନ୍ତ ରଖାଯାଇଥିଲା କାହିଁକି ?

ଗ) କାନ୍ତକବିଙ୍କ ପିତାଙ୍କ ନାମ କ'ଣ ?

ଘ) ଲକ୍ଷ୍ମୀକାନ୍ତଙ୍କ ମାତା କାହାର କନ୍ୟା ଥିଲେ ?

**3. ନିମ୍ନ ପ୍ରଦତ୍ତ ଘଟଣାଗୁଡ଼ିକ କେଉଁ ଗଳ୍ପରୁ ଆସିଛି ଲେଖ ।** **(4x2 = 8 )**

କ) ''କାଠ କଟାଳିକୁ କହିଲି ''ଯା ଯା ଏଥର କାଟ୍, ପୁଅ ତ କହିଦେଲାଣି ।''

ଖ) ଅଙ୍ଗଦ ଚୌଧୁରୀ ଇତିହାସର ଛାତ୍ର ।

ଗ) ବସ୍‌ଷ୍ଟେଣ୍ଡରେ ପହଞ୍ଚିଲା ବେଳକୁ ସରକାର ବସ୍‌ଟି, କେତେବେଳୁ ଛାଡ଼ି ଦେଲାଣି ।

ଘ) କୁରୁବକୀ ନିଜେ ଆସନ ଗ୍ରହଣ କରି ଅନ୍ୟମାନଙ୍କୁ ବସିବାକୁ ନିର୍ଦ୍ଦେଶ ଦେଲେ ।

*[Turn Over*

## ବିଭାଗ – 2

**II. ବ୍ୟକ୍ତୀକରଣ–ସୃଜନଶୀଳ ପରିପ୍ରକାଶ** (44 ମାର୍କ)

**କ) ନିମ୍ନ ପ୍ରଶ୍ନଗୁଡ଼ିକର ଉତ୍ତର ଅନ୍ୟୂନ ଚାରି କିମ୍ବା ପାଞ୍ଚ ବାକ୍ୟରେ ଲେଖ । (3x4=12)**

4. କବି ଅନନ୍ତ ପଟ୍ଟନାୟକଙ୍କ ପରିଚୟ ପ୍ରଦାନ କର ।
5. ''ନରେନ୍‌ରୁ ବିବେକାନନ୍ଦ'' ପ୍ରବନ୍ଧର ପୃଷ୍ଠଭୂମି ଲେଖ ।
6. କୁରୁବାକୀଙ୍କ ଚରିତ୍ର ଚିତ୍ରଣ କର ।

**ଖ) ନିମ୍ନ ପ୍ରଶ୍ନଗୁଡ଼ିକର ଉତ୍ତର ଅନ୍ୟୂନ ଆଠ କିମ୍ବା ଦଶ ବାକ୍ୟରେ ଲେଖ । (4x8=32)**

7. 'ବନ୍ଦେ ଉତ୍କଳ ଜନନୀ' କବିତାରୁ ଉତ୍କଳର ବୈଶିଷ୍ଟ୍ୟ ଉଲ୍ଲେଖ କର ।

**(କିମ୍ବା)**

ମାଟି 'ସର୍ବଂସହା'' ଏହାର ଯଥାର୍ଥତା ପ୍ରତିପାଦନ କର ।

8. ସଭ୍ୟତାର ବିକାଶରେ ବିଜ୍ଞାନର ଥିବା ଅବଦାନ ପଠିତ ପ୍ରବନ୍ଧ ଅନୁସରଣରେ ଆଲୋଚନା କର ।

**(କିମ୍ବା)**

'ଜନ୍ମଭୂମି' ପ୍ରବନ୍ଧରେ ଲେଖକ ଶିକ୍ଷିତ ସମାଜକୁ କି ପରାମର୍ଶ ଦେଇଛନ୍ତି ନିଜ ଭାଷାରେ ଲେଖ ।

9. 'ଫଲ୍‌ଗୁ' ଏକାଙ୍କିକାରେ ଗୋଟିଏ ମଧ୍ୟବିତ୍ତ ପରିବାରର ଚିତ୍ର କିପରି ଚିତ୍ରିତ ହୋଇଛି ବର୍ଣ୍ଣନା କର ।

**(କିମ୍ବା)**

'କୋଣାର୍କ' ଏକାଙ୍କିକାର ସାରମର୍ମ ନିଜ ଭାଷାରେ ଲେଖ ।

10. 'ଜାଗବନ୍ଧନ ହରା' କବିତାରେ କବି ନବଯୁଗର ତରୁଣମାନଙ୍କୁ ଯୁଗର ଆହ୍ୱାନ ସମ୍ପର୍କରେ କ'ଣ କହିଛନ୍ତି ଜଣାଇ ବନ୍ଧୁଙ୍କ ନିକଟକୁ ଏକ ପତ୍ର ଲେଖ ।

**(କିମ୍ବା)**

'ଜନଜୀବନରେ ମାତୃଭାଷାର ଆବଶ୍ୟକତା' – ଏହି ପ୍ରସଙ୍ଗରେ ଏକ ପ୍ରବନ୍ଧ ଲେଖ ।

***[Turn Over***

## ବିଭାଗ–3

**III. ଭାଷା ପ୍ରକରଣ :** **[32 ମାର୍କ ]**

*** ନିର୍ଦ୍ଦେଶାନୁସାରେ ନିମ୍ନ ପ୍ରଶ୍ନଗୁଡ଼ିକର ଉତ୍ତର ଲେଖ ।** **(9x2 =18)**

11. ''ବାବୁ ନାକଶିରୀଦାନ ଯୋଗ୍ୟ ଯୋଷାକୁ **(2 ମାର୍କ)**

ବିହର କାନନ କର ଆଲିଙ୍ଗନକୁ''

**[ଏହି ପଦ୍ୟାଂଶରେ କେଉଁ ଅଳଙ୍କାର ପ୍ରଯୁକ୍ତ ହୋଇଛି ନାମ ଲେଖି ତା'ର ଲକ୍ଷଣ ଲେଖ । ]**

12. '**ରାମକେରୀ**' କିମ୍ବା '**ବଙ୍ଗଳାଶ୍ରୀ**' ଛନ୍ଦର ଯତିପାତ ନିୟମ ଲେଖ । **(2 ମାର୍କ)**

13. କ] ଚୂର୍ଣ୍ଣ କରୁରେ ସ୍ୟନ୍ଦନ ତବ – ପୀଡ଼ନର ପରବତ । **(2x1 =2 ମାର୍କ)**

**[ଏହି ପଦ୍ୟାଂଶର 'ସ୍ୟନ୍ଦନ' ଶବ୍ଦଟିର ଅର୍ଥ ଲେଖ । ]**

ଖ] କୃଷକମାନେ ଲଙ୍ଗଳ ମୁନରେ ଧରଣୀର ବକ୍ଷ ଚିରି ନୂଆ ମେଘକୁ ଚାହିଁ ରହନ୍ତି ।

**[ ଏଥିରେ ଥିବା ''ଧରଣୀ'' ଶବ୍ଦଟିର ପ୍ରତିଶବ୍ଦ ବାଛି ଲେଖ । ]**

ଅ) ଆକାଶ ଆ) ବାୟୁ ଇ) ପୃଥିବୀ ଈ) ଅଗ୍ନି

14. କ] ଶଙ୍କିତ ହେଉ କଂପିତ ପ୍ରାଣ–ଚନ୍ଦ୍ର ତପନ ତାରା । **(2x1 =2 ମାର୍କ)**

**[ଏଥିରେ ଥିବା ''ତପନ'' ଶବ୍ଦଟିର ପ୍ରତିଶବ୍ଦ ବାଛି ଲେଖ ।]**

ଅ) ଭାସ୍କର ଆ) ହରି ଇ) ନୀଳାମ୍ବର ଈ) ଜଳନ୍ଧର

ଖ] ମୁଁ ଶତଚେଷ୍ଟା କଲେ ମଧ ତା'ର ପୂର୍ବ ପ୍ରତ୍ୟୟ ଆଉ ଫେରିପାଏ ନାହିଁ ।

**[ଏଥିରେ ଥିବା 'ପ୍ରତ୍ୟୟ' ଶବ୍ଦଟିର ପ୍ରତିଶବ୍ଦ ଲେଖ । ]**

15. କ] ବୁଡ଼ିଗଲା ପକାଇଲେ କପି ଯେତେ ଗିରି – **(2x1 =2 ମାର୍କ)**

**[ଏଥିରେ ଥିବା 'କପି' ଶବ୍ଦଟିର ଦୁଇଟି ଭିନ୍ନାର୍ଥ ବାଛି ଲେଖ ।]**

ଅ) ମାଙ୍କଡ଼, ଦେଖଲେଖା ଆ) ମର୍କଟ, ପଢ଼ିବା

ଇ) ମର୍ଦ୍ଦାର, ଅଭ୍ୟାସ ଈ) ହନୁ, ସମୀକ୍ଷା

ଖ] ଗରିବ ପ୍ରଜାର ଇଚ୍ଛା ଥିଲେ ମଧ ସତ୍‌କାର୍ଯ୍ୟ କରିବାର ପ୍ରତାପ ନାହିଁ ।

**[ ଏଥିରେ ଥିବା 'ପ୍ରତାପ' ଶବ୍ଦଟିର ଦୁଇଟି ଭିନ୍ନାର୍ଥ ଲେଖ । ]**

*[Turn Over*

16. କ]  ଯେ ରଡ଼ି ସହିଲେ ତୁରେ ହୋଇବୁ ଅକ୍ର ଅମ୍ବର ।   **(2x1 =2 ମାର୍କ)**

**[ ଏଥିରେ ଥିବା ''ଅକ୍ର ଅମ୍ବର'' ଶବ୍ଦର ସନ୍ଧିଶବ୍ଦ ଗଠନ କର । ]**

ଖ]  ଜଡ଼ ବିଜ୍ଞାନ ଓ ଜୀବବିଜ୍ଞାନ ସଂଯୋଗରୁ ନାନା ବିଭାଗ ସୃଷ୍ଟି ହୋଇଛି ।

**[ ଏଥିରେ ଥିବା 'ସଂଯୋଗ' ଶବ୍ଦଟିର ସନ୍ଧିବିଚ୍ଛେଦ କର । ]**

17. କପାଳ ଲିଖନକୁ କିଏ ବା ବଦଳେଇ ପାରିବ ?   **(2 ମାର୍କ)**

**[ ଏହି ବାକ୍ୟରେ ଥିବା ରୂଢ଼ିଟିକୁ ଚିହ୍ନଟ କରି ଲେଖ । ]**

18. **'ଅହିନକୁଳ ସମ୍ପର୍କ'** – ଏହ ରୂଢ଼ିଟି ବ୍ୟବହାର କରି ବାକ୍ୟ ଗଠନ କର ।   **(2 ମାର୍କ)**

19.  ଧୀର ସ୍ଥିର ଭାବେ କାର୍ଯ୍ୟ କଲେ ସଫଳତା ମିଳେ ।

**[ ଏହି ଅର୍ଥରେ ବ୍ୟବହୃତ ଲୋକବାଣୀଟି ଲେଖ । ]**   **(2 ମାର୍କ)**

*** ନିର୍ଦ୍ଦେଶାନୁସାରେ ନିମ୍ନ ପ୍ରଶ୍ନଗୁଡ଼ିକର ଉତ୍ତର ଲେଖ ।   (14x1 =14)**

20. ଆମ ପୌରାଣିକ ଗାଥାର ବୈଶିଷ୍ଟ୍ୟ ଅନନ୍ୟ ।   **(1 ମାର୍କ)**

**[ ଏଥିରେ ଥିବା 'ପୌରାଣିକ' ଶବ୍ଦଟିର ପ୍ରକୃତି ପ୍ରତ୍ୟୟ ଲେଖ । ]**

21. ବିରସକୁ ମନ୍ଦ କରି ମନ୍ଦାହାସ ଜନ୍ମେ ।   **(1 ମାର୍କ)**

**[ ଏଥିରେ ଥିବା ''ବିରସ'' ଶବ୍ଦଟିର ବିପରୀତାର୍ଥବୋଧକ ଶବ୍ଦ ଲେଖ । ]**

22.  ଅନେକ ରାଜା ବିବେକାନନ୍ଦଙ୍କ ଶିଷ୍ୟତ୍ୱ ଗ୍ରହଣ କରିଥିଲେ ।   **(1 ମାର୍କ)**

**[ ଏଥିରେ ଥିବା 'ରାଜା' ଶବ୍ଦଟିର ସ୍ତ୍ରୀଲିଙ୍ଗ ଶବ୍ଦ ଲେଖ । ]**

23.  ବିଦ୍ୟାଶ୍ରୀ ଭୂବନେଶ୍ୱର ଯାଇଥିଲେ ।   **(1 ମାର୍କ)**

**[ ଏହି ବାକ୍ୟରେ ଥିବା ଅଶୁଦ୍ଧ ଶବ୍ଦଟିକୁ ଚିହ୍ନଟ କରି ଶୁଦ୍ଧ କରି ଲେଖ । ]**

24. 'କରୁଣ' ଶବ୍ଦରେ 'ନ୍' କେଉଁ କାରଣରୁ 'ଣ' ହେଲା ?   **(1 ମାର୍କ)**

***[Turn Over***

25. People of different religions live in India. **(1 ମାର୍କ)**

**[ଏହି ଇଂରାଜୀ ବାକ୍ୟକୁ ଓଡ଼ିଆରେ ଅନୁବାଦ କଲେ ଏହା ଠିକ୍ ହେବ । ]**

ଅ) ଭାରତରେ ବିଭିନ୍ନ ଅଞ୍ଚଳରେ ଲୋକେ ବାସ କରନ୍ତି ।

ଆ) ଭାରତରେ ବିଭିନ୍ନ ଧର୍ମର ଲୋକେ ବାସ କରନ୍ତି ।

ଇ) ଭାରତରେ ବିଭିନ୍ନ ଜାତିର ଲୋକେ ବାସ କରନ୍ତି ।

ଈ) ଭାରତରେ ବିଭିନ୍ନ ଭାଷାର ଲୋକେ ବାସ କରନ୍ତି ।

26. ଛେଳି ଗୀତ ଗାଉଛି । **(1 ମାର୍କ)**

**[ ଏହି ବାକ୍ୟଟିରେ କେଉଁ ଲକ୍ଷଣଟିର ଅଭାବ ରହିଛି ? ]**

27. ସରଳ ବାକ୍ୟ କାହାକୁ କୁହାଯାଏ ? **(1 ମାର୍କ)**

28. **ନିମ୍ନୋକ୍ତ ବାକ୍ୟ ମଧ୍ୟରୁ ଜଟିଳ ବାକ୍ୟଟିକୁ ଚିହ୍ନଟ କରି ଲେଖ ।** **(1 ମାର୍କ)**

ଅ) ଗୋପବନ୍ଧୁ ଦରିଦ୍ରମାନଙ୍କର ସେବା କରନ୍ତି ।

ଆ) ପ୍ରଣବ ଜଣେ ଶିଳ୍ପୀ ।

ଇ) ଶିକ୍ଷକ ଡାକିଲେ, ମାନସୀ ଏବଂ ସବିତା ଗୀତ ଗାଇଲେ ।

ଈ) କାଲିର କାମ ଯଦି ଆଜି କରୁଚ ତେବେ, ଆଜିର କାମ ଏବେ କର ।

29. **ବାକ୍ୟର ପ୍ରକାର୍ଯ୍ୟାତ୍ମକ ରୂପ ଦୃଷ୍ଟିରୁ ପ୍ରଶ୍ନସୂଚକ ବାକ୍ୟଟିକୁ ଚିହ୍ନଟ କରି ଲେଖ ।** **(1 ମାର୍କ)**

ଅ) ତୁମ ବିଦ୍ୟାଳୟ କେବେ ଖୋଲିବ ?

ଆ) ଏ ବର୍ଷ ପ୍ରବଳ ଶୀତ ହୋଇଛି ।

ଇ) ବାପା ଏତେ ଟଙ୍କା ଦେଲେ !

ଈ) ଗୀତା ଦ୍ୱାରା ଏ କାମ କେବେ ବି ହେବ ନାହିଁ ।

***[Turn Over***

30. ବାକ୍ୟର ଗଠନଗତ ରୂପାନ୍ତର ଦୃଷ୍ଟିରୁ ସରଳ ବାକ୍ୟଟିକୁ ବାଛି ଲେଖ । **(1 ମାର୍କ)**

ଅ) ଯେହେତୁ ଜେଜେ ଆସିଛନ୍ତି, ତେଣୁ ଆମେ ଖୁସି ଅଛୁ ।

ଆ) ଜେଜେ ଆସିଛନ୍ତି ଓ ଆମେ ସମସ୍ତେ ଖୁସିରେ ଅଛୁ ।

ଇ) ଜେଜେ ଆସିବା ହେତୁ ଆମେ ସମସ୍ତେ ଖୁସି ଅଛୁ ।

ଈ) ଜେଜେ ଆସିବି ବୋଲି କହିଲେ କିନ୍ତୁ ଆସିଲେ ନାହିଁ ।

31. ଲଙ୍କାରେ ପୁଣି ହରି ଶବ୍ଦ ! **(1 ମାର୍କ)**

**[ ଏହି ବାକ୍ୟଟିକୁ ଅର୍ଥଗତ ରୂପାନ୍ତର ଦୃଷ୍ଟିରୁ ନାସ୍ତି ସୂଚକ ବାକ୍ୟରେ ପ୍ରକାଶ କର । ]**

32. ମାଆ ରାନ୍ଧୁଛନ୍ତି । **(1 ମାର୍କ)**

**[ ଏହି କର୍ତ୍ତୃବାଚ୍ୟକୁ ଭାବ ବାଚ୍ୟରେ ପ୍ରକାଶ କର । ]**

33. ବର ଓ କନ୍ୟା ଦୁଇଜଣଯାକ ବେଦିରେ ବସିଛନ୍ତି । **(1 ମାର୍କ)**

**[ ଏହି ବାକ୍ୟଟିକୁ ସଂକ୍ଷେପରେ ଲେଖିଲେ ଏହା ଠିକ୍ ହେବ । ]**

କ) ବରକନ୍ୟା ଦୁଇଜଣଯାକ ବସିଛନ୍ତି ।

ଖ) ଦମ୍ପତି ଉଭୟେ ବେଦିରେ ବସିଛନ୍ତି ।

ଗ) ସ୍ୱାମୀ ଓ ସ୍ତ୍ରୀ ବେଦିରେ ବସିଛନ୍ତି ।

ଘ) ବରକନ୍ୟା ଉଭୟ ବେଦିରେ ବସିଛନ୍ତି ।

*******